# ଗ୍ରାମୀଣ କୃଷି ମୌସମ ସେବା


**ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର**

**ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧**

**(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)**



**ପତ୍ରିକା ସଂଖ୍ୟା-୪୮/୨୫**


**ଜିଲ୍ଲା-ବାଲେଶ୍ୱର** **ତା.୨୨.୦୭.୨୦୨୫**

**ପାଣିପାଗ ପୂର୍ବାନୁମାନ (ତା.୨୭.୦୭.୨୦୨୫ ପର୍ଯ୍ୟନ୍ତ )-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୦୪-୧୪ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୩-୩୬°C ଏବଂ ୨୬-୨୮° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 23-07-25 | 2 | 36 | 28 | 5 | 84 | 54 | 6 | 230 |
| | 24-07-25 | 5 | 36 | 28 | 5 | 86 | 54 | 5 | 231 |
| | 25-07-25 | 40 | 35 | 27 | 7 | 86 | 58 | 4 | 246 |
| | 26-07-25 | 50 | 33 | 27 | 8 | 87 | 67 | 4 | 276 |
| | 27-07-25 | 11 | 33 | 26 | 5 | 86 | 66 | 14 | 238 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ ଯେହେତୁ ଆଗାମୀ ଦିନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ଚାଷୀମାନେ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ।<br>➢ ସମୟ ସମୟରେ ମେଘୁଆ ଏବଂ ଶୁଖିଲା ପାଗ ଅନୁକୂଳ ଯୋଗୁଁ, ପରିବା ଫସଲରେ ପୋକ ଆକ୍ରମଣକୁ ନିୟମିତ ଅନୁଧ୍ୟାନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ।<br>➢ ବର୍ଷା ପାଣି /କେନାଲ ପାଣି ଓ ପୋଖରୀ କିମ୍ବା ନିକଟସ୍ଥ ଅନ୍ୟ କୌଣସି ଜଳ ଉତ୍ସ ବ୍ୟବହାର କରି ଧାନ ରୋପଣ ଆରମ୍ଭ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି।<br>➢ ଧାନ ନର୍ସରୀ ଏବଂ ନଳିତା କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ।<br>➢ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ନର୍ସରୀ/ ରୋପଣ** | ➢ ପ୍ରାରମ୍ଭିକ ଅବସ୍ଥାରେ କାଣ୍ଡବିନ୍ଧା ଓ ପତ୍ରପୋଡା ପୋକ ଦାଉରୁ ଫସଲକୁ ସୁରକ୍ଷା ଦେବା ପାଇଁ ରୋଇବାର ୭ ଦିନ ପୂର୍ବରୁ ଏକ ଡିସିମିଲ ତାଲିଘେରା ପ୍ରତି ୮୦ –୧୦୦ ଗ୍ରା ଫିପ୍ରୋନୀଲ ୦.୩ ଗ୍ରାମ. କିମ୍ବା ୧୨୦ଗ୍ରାମ Carbofuran 3G ପ୍ରୟୋଗ କରନ୍ତୁ।<br>➢ ଧାନ କୁ ଧାଡ଼ିରେ ରୋଇଲେ ଗଛ ମଧ୍ୟରେ ଠିକ୍ ରେ ସୂର୍ଯ୍ୟାଲୋକ ପଡ଼ିବ , ପବନ ଚଳାଚଳ ହୋଇପାରିବ। ରୋଗ ପୋକ କମ୍ ଲାଗିବ।ଗଛ ର ସଠିକ୍ ବୃଦ୍ଧି ହୋଇ ପାରିବ ଓ ପିଲ ସଂଖ୍ୟା ଅଧିକ ହେବ।<br>➢ ମଧ୍ୟମ ଓ ଖାଲ ଜମି ପାଇଁ ଧାନ ତଳି କୁ ଧାଡ଼ି କୁ ଧାଡ଼ି 20cm ଓ ବୁଦା କୁ ବୁଦା 15cm ଦୂରତା ରେ ଲଗାନ୍ତୁ।ବୁଦା ପ୍ରତି 2-3 ଟି ତଳି ଲଗାନ୍ତୁ। |
| **ନଳିତା** | **ତରୁଣୀ ଅବସ୍ଥା** | ➢ ବର୍ତମାନ ବର୍ଷା ଯୋଗୁ ନଳିତାରେ ତୃଣକ ଜନସଙ୍ଖ୍ୟାକୁ ବୃଦ୍ଧି କରିବ , ଘାସକୁ ନିୟନ୍ତ୍ରଣ କରିବା ପାଇଁ କୁଇଜଲଫପ-ପେଥିଲ 2 ମି.ଲି /ଲିଟର ପାଣି ପ୍ରୟୋଗ କରନ୍ତୁ।<br>➢ ବର୍ତମାନ ପାଣିପାଗରେ ନଳିତା ଫସଲରେ ବିହାରୀ ସଂବାଳୁଆ ଓ ଅନ୍ୟାନ୍ୟ ପତ୍ରଖିଆ ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇବ । ଏହି ସବୁ ପୋକ ଦମନ କରିବା ପାଇଁ ପ୍ରତି ଲିଟର ଜଳରେ ୧ମି.ଲି. ଲମ୍ବଡା ସାଇହାଲୋଥ୍ରୀନ ୪.୯ ସି.ଏସ. କୀଟନାଶକ ବିଷ ମିଶାଇ ସିଂଚନ କରନ୍ତୁ । |
| **ଆଖୁ** | **ଅଙ୍ଗୀୟ ବୃଦ୍ଧି** | ➢ ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ |

| | | |
|---|---|---|
| | ଅବସ୍ଥା | କରନ୍ତୁ ।<br>➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| ପନିପରିବା | ନର୍ସରୀ /ଫୁଲ/ଫଳ ଅବସ୍ଥା | ➢ ବାଇଗଣ ଫସଲରେ ଝାଉଁଳା ରୋଗ ନିୟନ୍ତ୍ରଣ କରିବା ପାଇଁ ଜଳସେଚନ କୁ ନିୟନ୍ତ୍ରଣ କରନ୍ତୁ। ଫସଲ ରେ Potash ସାର ଗୁଣ୍ଠ ପ୍ରତି 500gm ପ୍ରୟୋଗ କରନ୍ତୁ। Copper oxychloride 50%WP ଲିଟର ପ୍ରତି 2.5gm ସହିତ Plantomycine ଲିଟର ପ୍ରତି 1gm ହିସାବରେ ଗଛ ମୂଳରେ କିମ୍ବା (Azoxystrobin 18.2%+ Difenoconazole 11.4 %SC )ଲିଟର ପ୍ରତି 1ml ହିସାବରେ ଅପରାହ୍ନରେ ସିଞ୍ଚନ କରନ୍ତୁ। 7ଦିନ ପରେ ଆଉଥରେ ସିଞ୍ଚନ କରନ୍ତୁ।<br>➢ ବର୍ତ୍ତମାନର ପାଗ ସ୍ଥିତିରେ ପନିପରିବା ଓ ବାଇଗଣରେ ଦହିଆ ପୋକ ବୃଦ୍ଧି କରିପାରେ, ନିୟନ୍ତ୍ରଣ କରିବା ପାଇଁ ଥିଆମେଥୋକ୍ସାମ 0.4 ଗ୍ରାମ୍ ପ୍ରତି ଲିଟର ପାଣି ସିଞ୍ଚନ କରନ୍ତୁ । |
| ଫଳ | | ➢ ଅମୃତଭଣ୍ଡା ଫସଲ ରେ ଭୂତାଣୁ ଜନିତ ପତ୍ର ମୋଚା ରୋଗ ନିୟନ୍ତ୍ରଣ କରିବା ପାଇଁ ଅଧିକ ଆକ୍ରାନ୍ତ ପତ୍ର କୁ ଛିଣ୍ଡାଇ ପୋତି ଦିଅନ୍ତୁ। ଏହାର ବହାକ ଧଳା ମାଛି କୁ ନିୟନ୍ତ୍ରଣ କରିବା ପାଇଁ ହଳଦିଆ ଅଠାଳିଆ card ଏକର ପ୍ରତି 15 ଟି ବ୍ୟବହାର କରନ୍ତୁ। ଫସଲ ରେ Potash ସାର ଏକର ପ୍ରତି 12kg ପ୍ରୟୋଗ କରନ୍ତୁ। Diafenthiuron 50%WP ଲିଟର ପ୍ରତି 1.5gm କିମ୍ବା ( Diafenthiuron 40%+Spinetoram 5%SC ) ଲିଟର ପ୍ରତି 1.5ml ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ।<br>➢ ଅମୃତଭଣ୍ଡା ମଞ୍ଜିକୁ କାର୍ବେଣ୍ଡାଜିମ୍ ସହିତ ମିଶାଇ ବିହନ ବିଶୋଧନ କରି ବୁଣନ୍ତୁ। |
| ମାଛ ଚାଷ | | ❖ ଦ୍ରୁତ ଗତିରେ ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ,ଭାକୁର ଓ ମିରିକଳିକୁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ୪:୩:୩ ଅନୁପାତରେ ରେ ଚାଷ କରିବା ଦ୍ୱାରା ଲାଭ ବୃଦ୍ଧି ହୋଇଥାଏ।<br>❖ ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫ ହଜାର ଯାଁଳା ଛଡାଯାଏ ।<br>❖ ମାଛମାନଙ୍କୁ ବାଦାମ ତେଲର ପିଠା ଏବଂ ଚାଉଳର ଚୋପା ସମାନ ଅନୁପାତରେ ଗଚ୍ଛିତ ସାମଗ୍ରୀର ମୋଟ ଜୈବବସ୍ତୁର 5%ରେ ଦିଆଯାଏ। ପୋଖରୀର ଗୁଣବତ୍ତା ବୃଦ୍ଧି ପାଇଁ ଗୋବର , ୟୁରିଆ ଓ ସୁପର ଫସଫେଟ ପ୍ରୟୋଗ କରିବା ଉଚିତ। ମାଛମାନେ ୮ ରୁ ୧୦ ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି। |
| ପଶୁପାଳନ | | ➢ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ।<br>➢ ନିୟମିତ ଭାବରେ ଲୁଣ ସହିତ ପଶୁମାନଙ୍କୁ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ଗହମ ଶସ୍ୟ, କଦଳୀ ଇତ୍ୟାଦି ପଶୁମାନଙ୍କ ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଦିନ ରାସନରେ @ 10% -20% ଯୋଗାନ୍ତୁ। |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital